# Students' Biennale

କୋଚି ବିଏନ୍ନାଲେ ଫାଉଣ୍ଡେସନ ଖୁସିର ସହ ଏହି ପ୍ରତିଷ୍ଠାନର ଚତୁର୍ଥ ସଂସ୍କରଣ ଘୋଷଣା କରୁଅଛୁ।

ଏହା ଶିକ୍ଷା ପ୍ରସାର ପାଇଁ ଆମର ସବୁଠାରୁ ବଡ଼ ଉଦ୍ୟମ | ଏହା ଦେଶର ଚାରୁକଳା ପ୍ରଚାର, ପ୍ରସାର ପ୍ରଚେଷ୍ଟାର ପରିପୂରକ। କୋଭିଡ ଭୂତାଣୁ ର ବ୍ୟାପକ ସଂକ୍ରମଣ ପରିପ୍ରେକ୍ଷୀରେ କୋଚି ବିଏନ୍ନାଲେ ଫାଉଣ୍ଡେସନ ଏକ ବିକଳ୍ପ ମଞ୍ଚ ଭାବରେ ଚାରୁକଳା ର ବିକାଶ ପାଇଁ କାମ କରିବ । ଏହା ପାଇଁ କମ୍ପ୍ୟୁଟରକୃତ ଦୃଶ୍ୟ ଶ୍ରୀନ୍ୟ  ମାଧ୍ୟମରେ ଆଲୋଚନା ଚକ୍ର, କର୍ମଶାଳା, ପାରସ୍ପରିକ ବିଚାର, ବିନିମୟ ଓ ପ୍ରକ୍ରିୟା ଦ୍ୱାରା ବିଦ୍ୟାର୍ଥୀ ମାନଙ୍କର ସମସ୍ୟା ସମାଧାନ କରାଯିବ ।

୨୦୨୦ ସଂସ୍କରଣ ବା ସୋପାନ ପାଇଁ ଏକ ପାଞ୍ଚ ଜଣିଆ କଳାକାର ଗୋଷ୍ଠୀ ତତ୍ତ୍ୱା ବଧାରକ ଭାବରେ କାମ କରିବେ । ସେମାନେ ହେଲେ ଅଦିପ ଦତ୍ତା, ଅର୍ଚ୍ଚନା ହାଣ୍ଡେ, ମନୋଜ ଭଇଲୂର୍, ସୁରେଶ କେ. ନାୟର ଓ ବସୁଧା ଥୋଲୁର । ଏହି ଗୋଷ୍ଠୀର ବିଦ୍ୟାର୍ଥୀ ଓ ଯୁବ ପ୍ରଫେସନାଲ୍ ଙ୍କ ସହ କାମ କରିବାର ଦୀର୍ଘ ଅଭିଜ୍ଞତା ରହିଛି ।

ପ୍ରୋଗ୍ରାମ ( କାର୍ଯ୍ୟକ୍ରମ ) :

କୋଭିଡ ୧୯ ପରିପ୍ରେକ୍ଷୀରେ ଅଧ୍ୟୟନ, ଅଧ୍ୟାପନ ଓ ତତ୍ ସମ୍ପର୍କୀୟ କାର୍ଯ୍ୟକ୍ରମ ଅନଲାଇନ ଦ୍ୱାରା କାର୍ଯ୍ୟକାରୀ ହେବ। ତତ୍ତ୍ୱା ବଧାରକ ଗୋଷ୍ଠୀ ବା ଫୋରମ୍  ଦେଶର ବିଭିନ୍ନ ଅଞ୍ଚଳ ରେ ଥିବା ବିଦ୍ୟାର୍ଥୀଙ୍କ ଆବଶ୍ୟକ ତାକୁ ଆଖି ଆଗରେ ରଖି ପାଠ୍ୟକ୍ରମ ପ୍ରସ୍ତୁତ କରିବେ । ଡିଜିଟାଲ ସହ ଅନ୍ୟାନ୍ୟ ପ୍ରକ୍ରିୟା ମଧ୍ୟ ପ୍ରୟୋଗ କରାଯିବ। ଏହା ଛଡା ପ୍ରଡକ୍ସନ ଗ୍ରାଣ୍ଟର ବ୍ୟବସ୍ଥା ମଧ୍ୟ ଅଛି । ବିଦ୍ୟାର୍ଥୀ ମାନେ ଏହି ବ୍ୟବସ୍ଥାର ସୁଯୋଗ ନେଇପାରିବେ ଏବଂ ଅନଲାଇନ ପ୍ରଦର୍ଶନୀରେ ଭାଗ ନେଇପାରିବେ । ଡିଜିଟାଲ  ଆର୍ଟଓ୍ୱର୍କ ବ୍ୟତିତ, ଅନ୍ୟ ମେଥଡ ଓ ପ୍ରାକ୍ଟିସ ମଧ୍ୟ ପ୍ରୟୋଗ କରିହେବ ।

ପ୍ରଦର୍ଶନୀର ସବୁ ଅଙ୍ଗ / ଅଂଶ ଏବଂ ତତ୍ତ୍ୱା ବଧାରକ ଗୋଷ୍ଠୀ ସହ ସବୁ ଆଳାପ, ଆଲୋଚନା ଅନଲାଇନ ମଧ୍ୟମରେ ହେବ। ତତ୍ତ୍ୱା ବଧାରକ ଗୋଷ୍ଠୀ, ଦେଶରେ ଡିଜିଟାଲ ଡିଭାଇଡକୁ ବିଚାର କରି ଛାତ୍ର ମାନଙ୍କ ପାଇଁ ସହାୟକ ପାଠ୍ୟକ୍ରମ ପ୍ରସ୍ତୁତ କରିବେ ଓ ପାଠ୍ୟ ସାମଗ୍ରୀ ଯୋଗାଇ ଦେବେ ।

ତାରିଖ ଓ ସମୟ :

ବିଦ୍ୟାର୍ଥୀଙ୍କ ପାଇଁ ବିଏନ୍ନାଲେ ପ୍ରଦର୍ଶନୀ ୨୦୨୦ ମସିହା ଫେବୃଆରୀ ୨୧ ଶେଷ ତାରିଖ । ନଭେମ୍ବର ୧୫ ୨୦୨୦ ଦରଖାସ୍ତ ଗ୍ରହଣର ଶେଷ ତାରିଖ । ପ୍ରାର୍ଥୀ ଚୟନ ତାଲିକା - ୧  ଡିସେମ୍ବର ୨୦୨୦ ରେ କରାଯିବ ।

ଯୋଗ୍ୟତା :

ଯେଉଁ  ବିଦ୍ୟାର୍ଥୀ ମାନେ ଭାରତରେ  ବିଏଫ୍ଏ /  ଏମଏଫ୍ଏ (ସମନାର୍ଥକ) ଶିକ୍ଷା ଗ୍ରହଣ କରୁଛନ୍ତି, ସେମାନେ ଏହି ମଞ୍ଚ ପାଇଁ ଦରଖାସ୍ତ କରିପାରିବେ।

Students' Biennale

ଯୋଗଦାନ :

ଦୟାକରି ଏହି ଲିଙ୍କ୍ ରେ ଆବେଦନ କରିବେ -
http://kochimuzirisbiennale.org/sbapplications

ଅନ୍ୟ କୌଣସି ସାହାଯ୍ୟ ପାଇଁ ଏହି ଲିଙ୍କ୍ କୁ କ୍ଲିକ କରିବେ :
http://kochimuzirisbiennale.org/sbhelp

ଆବେଦନ କରିବା ପାଇଁ, ତଳେ ଦିଆଯାଇଥିବା ଫର୍ମକୁ ପୂରଣ କରିବେ । ଫର୍ମ ପୂରଣ କରିବାରେ କିଛି ସାହାଯ୍ୟ ଦରକାର ପଡିଲେ, କିମ୍ବା  ବିଏନ୍ନାଲେ  ସମ୍ପର୍କିତ ଯେ କୌଣସି ବିଷୟରେ ସନ୍ଦେହ ହେଲେ, ନିମ୍ନ ଲିଖିତ ଇମେଲ କୁ ସମ୍ପର୍କ କରିପାରିବେ
studentsbiennale@kochimuzirisbiennale.org

ଏହି ଦରଖାସ୍ତ ର ଶେଷ ତାରିଖ ୧୫ ନଭେମ୍ବର, ୨୦୨୦, ଅପରାହ୍ନ ୫ ପିଏମ୍ ।